**Series JSR**

**SET-4**

**Code No. 14**

**Roll No.** | | | | | | | |

Candidates must write the Code on the title page of the answer-book.

- Please check that this question paper contains **7** printed pages.
- Code number given on the right hand side of the question paper should be written on the title page of the answer-book by the candidate.
- Please check that this question paper contains **13** questions.
- **Please write down the Serial Number of the question before attempting it.**
- 15 minute time has been allotted to read this question paper. The question paper will be distributed at 10.15 a.m. From 10.15 a.m. to 10.30 a.m., the students will read the question paper only and will not write any answer on the answer-book during this period.

# SUMMATIVE ASSESSMENT - II

# ଓଡ଼ିଆ

# ODIA

*ସମୟ : 3 ଘଣ୍ଟା* | *ପୂର୍ଣ୍ଣ ସଂଖ୍ୟା : 90*

*Time allowed : 3 hours* | *Maximum Marks : 90*

ସୂଚନା ଃ ଏହି ପ୍ରଶ୍ନ ପତ୍ରରେ ଚାରୋଟି ବିଭାଗ ରହିଛି ।

(କ) ପଠନ – Reading – 10

(ଖ) ଲିଖନ – Writing – 15

(ଗ) ବ୍ୟାକରଣ – Grammar – 15

(ଘ) ସାହିତ୍ୟ – Ltterature – 50

ନିର୍ଦ୍ଦେଶାନୁଯାୟୀ ସମସ୍ତ ପ୍ରଶ୍ନର ଉତ୍ତର ଦିଅ ।

## 'କ' ବିଭାଗ

1. **ନିମ୍ନ ଅନୁଚ୍ଛେଦଟିକୁ ପାଠ କରି ପ୍ରଦତ୍ତ ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ ।** **5x2=10**

ଠିକ୍ ସମୟରେ ଠିକ୍ କାମ କରିବା ହେଉଛି ସମୟାନୁବର୍ତ୍ତିତା । ଯେଉଁମାନେ ଏହା ସଂପନ୍ନ କରିପାରନ୍ତି ସେମାନଙ୍କୁ ସମୟାନୁବର୍ତ୍ତୀ ବୋଲି କୁହାଯାଏ । ଗାନ୍ଧିଜୀ ଥିଲେ ଜଣେ ଅତି ଉଚ୍ଚକୋଟୀର ସମୟାନୁବର୍ତ୍ତୀ । ସେ କହୁଥିଲେ- 'ସମୟ ହିଁ ସାକ୍ଷାତ ଭଗବାନ' । ସମୟକୁ ଅସମ୍ମାନ କରିବା ଅର୍ଥ ଈଶ୍ୱରଙ୍କୁ ଅସମ୍ମାନ ପ୍ରଦର୍ଶନ କରିବା । ଇଂରେଜମାନେ ଏହି ଗୁଣଟି ଉପରେ ପ୍ରାଧାନ୍ୟ ଦେଉଥିଲେ । ଭାରତୀୟମାନେ ସମୟାନୁବର୍ତ୍ତୀ କ୍ଷେତ୍ରରେ ଯଥେଷ୍ଟ ଦୁର୍ବଳ ହୋଇଥିବାରୁ ଅନେକ ସ୍ଥଳରେ ନିନ୍ଦିତ ହୋଇଥାନ୍ତି । ପରିତାପର ବିଷୟ, ଆଜିର ଯୁବସମାଜ ସମୟର ଗୁରୁତ୍ୱ ବୁଝୁନାହିଁ' ଫଳରେ ଯେତେ ମେଧା ଥିଲେ ବି ଭାରତୀୟ ମାନେ ବିଶ୍ୱ ଦରବାରରେ ଉପଯୁକ୍ତ ମର୍ଯ୍ୟାଦା ଲାଭ କରି ପାରୁନାହାନ୍ତି । କାମରେ ବିଳମ୍ୱ ହେଲେ ଦୁର୍ନୀତି ଜନ୍ମନିଏ । ଦୁର୍ନୀତି କେବଳ ଆର୍ଥିକ ବ୍ୟାପାର ସମ୍ବନ୍ଧୀୟ ନୁହେଁ । କର୍ମକ୍ଷେତ୍ରରେ ଅବହେଳା, ସମୟର ଆତ୍ମସମ୍ମାନ ଯୋଗୁ ଦୁର୍ନୀତି ଜନ୍ମ ନେଇଥାଏ । ଯିଏ ଯେଉଁ କ୍ଷେତ୍ରରେ କର୍ମ କରନ୍ତୁ ପଛକେ, ସମ୍ମାନବୋଧର ସହ କର୍ମ ସଂପାଦନ କରିବା ଆବଶ୍ୟକ । ଉଚିତ ସମୟସୀମା ମଧ୍ୟରେ କର୍ତ୍ତବ୍ୟ ଠିକଣା ଢଙ୍ଗରେ ତୁଲାଇଲେ, ଦୁର୍ନୀତି ଆପଣା ଛାଏଁ କମିଯାଇ ପାରିବ । ସମୟକୁ ବେଖାତିର କରୁଥିବା ବ୍ୟକ୍ତି ନିଜର କେବଳ କ୍ଷତି ସାଧନ କରି ନଥାଏ, ଜାତୀୟ ସମ୍ମାନରେ ମଧ୍ୟ ଆଞ୍ଚ୍ ଆଣିଥାଏ । ସେଥିପାଇଁ ସମଗ୍ର ପୃଥିବୀ ସମୟର ଇଙ୍ଗିତରେ ପରିଚାଳିତ ହୋଇଥାଏ ବୋଲି ମନୀଷୀଗଣ ମତବ୍ୟକ୍ତ କରିଥାନ୍ତି ।

(କ) କେଉଁମାନଙ୍କୁ ସମୟାନୁବର୍ତ୍ତୀ କୁହାଯାଏ ?

(ଖ) ଦୁର୍ନୀତି କିପରି ଜନ୍ମ ନେଇଥାଏ?

(ଗ) ସମୟ ସଂପର୍କରେ ଗାନ୍ଧିଜୀ କଣ କହିଥିଲେ?

(ଘ) ଭାରତୀୟମାନେ କାହିଁକି ନିନ୍ଦିତ ହୋଇଥାନ୍ତି?

(ଙ) ସମୟକୁ ନେଇ ମନୀଷୀଗଣ କେଉଁ ମତପୋଷଣ କରିଥାନ୍ତି?

## 'ଖ' ବିଭାଗ

2. ଯେକୌଣସି **ଗୋଟିଏ** ବିଷୟରେ ରଚନା ଲେଖ । **10**

(କ) ପରିବେଶ ସୁରକ୍ଷା

(ଖ) ମହାକାଶ ଗବେଷଣା

(ଗ) ଭାରତବର୍ଷରେ ଗଣତନ୍ତ୍ର

3. ତୁମ ବିଦ୍ୟାଳୟରେ ପାଳିତ ହୋଇଥିବା ବାର୍ଷିକ ଉତ୍ସବର ବିବରଣୀ ସମ୍ବାଦ ପତ୍ରରେ ପ୍ରକାଶନ ନିମନ୍ତେ ଅନୁରୋଧ ଜଣାଇ ଏହାର ସଂପାଦକଙ୍କୁ ପତ୍ର ଲେଖ । **5**

**କିମ୍ବା**

'ସମ୍ବିଧାନ ଦିବସ ପାଳନର ମହତ୍ୱ ' ଶୀର୍ଷକରେ ଲିଖିତ ତୁମର ଏକ ଲେଖା ପ୍ରକାଶନ ନିମନ୍ତେ ଅନୁରୋଧ ଜଣାଇ ସ୍ଥାନୀୟ ସମ୍ବାଦ ପତ୍ର ସଂପାଦକଙ୍କୁ ପତ୍ର ଲେଖ ।

(ବି.ଦ୍ର-ପ୍ରକୃତ ନାମ ଓ ଠିକଣା ବଦଳରେ **'କ'** ବା **'ଖ'** ପରି କାଳ୍ପନିକ ନାମ ବା ଠିକଣା ବ୍ୟବହାର କରାଯିବ)

## 'ଗ' ବିଭାଗ

4. (କ) **ନିମ୍ନରେ ଦିଆଯାଇଥିବା ଇଂରାଜୀ ଅନୁଚ୍ଛେଦକୁ ଓଡ଼ିଆରେ ଅନୁବାଦ କର ।** **5**

Diwali is the festival of lights. The people all over India observe this festival. It is said that the people of Ayodhya observed this festival commemorating the return of Ramachandra to Ayodhya. So it is the festival of conquest of justice over injustice. We celebrate Diwali in our houses with Pomp and Ceremony.

(ଖ) ଲକ୍ଷଣସହ ଯେ କୋଣସି **ଗୋଟିଏ** ଛନ୍ଦର ଉଦାହରଣ ଦିଅ । **5**

ଭାଗବତ ବାଣୀ, ବଙ୍ଗଳାଶ୍ରୀ

(ଗ) ବାକ୍ୟ ରୂପାନ୍ତର କର (ଯେକୌଣସି 5 ଟିର) **5**

(i) ମଦନଦ୍ୱାରା ଗୀତ ଗାଇବା ଅସମ୍ଭବ । (ନାସ୍ତିସୂଚକ)

(ii) ଏ ବର୍ଷର ଶୀତ ଅସହ୍ୟ । (ବିସ୍ମୟସୂଚକ)

(iii) ନେତାଜୀଙ୍କ ଭଳି ସଚ୍ଚା ଦେଶପ୍ରେମୀ ନାହାନ୍ତି । (ପ୍ରଶ୍ନସୂଚକ)

(iv) ଲଙ୍କାରେ ପୁଣି ହରି ଶବ୍ଦ । (ବିବୃତିସୂଚକ)

(v) ଗେଲୁ ଭଲ ଭାଷଣ ଦେଇପାରେ । (ପ୍ରଶ୍ନସୂଚକ)

(vi) ଚୋର ଉପରେ ଭୀଷଣ ମାଡ ହେଲା । (ବିସ୍ମୟସୂଚକ)

(vii) ରମା ତିନିଦିନ ହେଲା ଶୋଇ ନାହିଁ । (ବିବୃତିସୂଚକ)

## 'ଘ' ବିଭାଗ

5. ମାତୃଭାଷାର ପ୍ରସାର ପାଇଁ ପ୍ରାବନ୍ଧିକ ଯେଉଁ ଚିନ୍ତନ ପ୍ରୟାସ କରିଛନ୍ତି, ତାହା ପଠିତ ପ୍ରବନ୍ଧକୁ ଭିତ୍ତିକରି ଆଲୋଚନା କର । **8**

**କିମ୍ବା**

କେଉଁ ସମସ୍ତ ଘଟଣା ବଳୀ ବିବେକାନନ୍ଦଙ୍କୁ ଗୃହତ୍ୟାଗୀ ସନ୍ନ୍ୟାସୀ ପରିବର୍ତ୍ତେ ସମାଜ ସଂସ୍କାରକ ହେବାରେ ସହାୟକ ହୋଇଥିଲା, ଆଲୋଚନା କର ।

6. ସପ୍ରସଙ୍ଗ ସରଳାର୍ଥ ଲେଖ । (ଯେ କୌଣସି ଗୋଟିକର) **5**

(କ) କିନ୍ତୁ ଆମ ଦେଶରେ ଜ୍ଞାନଭଣ୍ଡାରଟା ଇଂରେଜିରେ ଥିବାରୁ କୋଟି କୋଟି ଜନତା ଆଖି ଥାଉଁ ଥାଉଁ ଅନ୍ଧ ।

(ଖ) ଭୋକିଲା ଲୋକଙ୍କର ଦୁଃଖକୁ ନିଜ ଆଖିରେ ଦେଖି ତାଙ୍କ ହୃଦୟ ବିଚଳିତ ହେଲା ।

7. ସଂକ୍ଷେପରେ ଉତ୍ତର ଲେଖ । (3 ଟିର) 3x2=6

(କ) ସମୂହ ଜନତା ଅଳ୍ପସମୟ ମଧ୍ୟରେ କିପରି ଶିକ୍ଷିତ ହୋଇ ପାରିବେ?

(ଖ) କେଉଁ ଅପ୍ରାକୃତିକ ପାଚେରିକୁ ଭାଙ୍ଗିବା ପାଇଁ ଗାନ୍ଧିଜୀ ପ୍ରଥମେ ପ୍ରୟାସ କରିଥିଲେ?

(ଗ) ମହାନ କର୍ମ କିଏ ସଂପାଦନ କରିଥାନ୍ତି?

(ଘ) ସୂର୍ଯ୍ୟାସ୍ତ ନିଲାମ ଆଇନ୍‌ଦ୍ୱାରା ଓଡ଼ିଆ ଜନତା କିପରି କ୍ଷତିଗ୍ରସ୍ତ ହେଲେ?

(ଙ) ଓଡ଼ିଆ ଭାଷାରେ ଗୀତାଭିନୟ ରଚନା କରିଥିବା ଦୁଇଜଣ ଯଶସ୍ୱୀ ସ୍ରଷ୍ଟାଙ୍କ ନାମ ଲେଖ ।

8. ଉତ୍ତର ପର୍ଯ୍ୟାୟରୁ ଠିକ ଉତ୍ତରଟି ବାଛି ଲେଖ । 4x1=4

(କ) 'ମାତୃଭାଷା ଓ ଲୋକଶିକ୍ଷା' ପ୍ରବନ୍ଧଟି କେଉଁ ବହିରୁ ସଂଗୃହୀତ?

(i) ଲଣ୍ଡନ ଚିଠି (ii) ଓଡ଼ିଆ କେବେ

(iii) ବିଚାର ଆଲୋଚନା (iv) ଅମେରିକା ଅନୁଭୂତି

(ଖ) ଗାନ୍ଧିଜୀ ମାତୃଭାଷାକୁ କାହା ପରି ମୂଲ୍ୟବାନ ମନେ କରୁଥିଲେ?

(i) ଦେଶପ୍ରେମ (ii) ଶିକ୍ଷାନୀତି

(iii) ପିତୃଭକ୍ତି (iv) ମାତୃସ୍ତନ୍ୟ

(ଗ) କେଉଁ ମସିହାରେ ବିବେକାନନ୍ଦ ପ୍ରଥମ କରି ପରିଭ୍ରମଣରେ ବାହାରିଥିଲେ?

(i) ୧୮୯୩ (ii) ୧୮୮୬ (iii) ୧୮୬୩ (iv) ୧୮୬୮

(ଘ) ବ୍ରାହ୍ମଧର୍ମ କିଏ ପ୍ରତିଷ୍ଠା କରିଥିଲେ?

(i) ଦୟାନନ୍ଦ ସରସ୍ୱତୀ (ii) ବିବେକାନନ୍ଦ

(iii) ଧିରେନ୍ ବ୍ରହ୍ମଚାରୀ (iv) ରାମମୋହନ ରାୟ

9. ‘ଜାଗ ବନ୍ଧନହରା’ କବିତାରେ ବନ୍ଧନରାଜିକୁ ଛିନ୍ନ କରିବା ପାଇଁ କବି ଦେଇଥିବା ଆହ୍ୱାନର ଆଲୋଚନା କର । **7**

**କିମ୍ବା**

ପଠିତ କବିତା ଅବଲମ୍ବନରେ ମାଟି ପ୍ରତି କବିଙ୍କ ମନୋଭାବର ବରିଚୟ ପ୍ରଦାନ କର ।

10. ସପ୍ରସଙ୍ଗ ସରଳାର୍ଥ ଲେଖ (ଯେକୌଣସି ଗୋଟିକର) **5**

(କ) ଭାଗ୍ୟବତୀ ମୋତେ ସଂସାରେ,

ବୋଲିବେ ତୋ ଯୋଗୁଁ ଏକା ପରଶଂସାରେ ।

(ଖ) ମରଣ ଦୁଆରେ ଚରଣ ଅରପି

ଗାଅରେ ଅମରଗାନ,

ପୋଛିଦିଅ ଆଜି ମାନବ ଶିରସୁଁ

ସଂଚିତ ଅପମାନ ।

11. ସଂକ୍ଷେପରେ ଉତ୍ତର ଲେଖ (ଯେକୌଣସି 3 **ଟିର**) **3x2=6**

(କ) ‘ଦରଶନ ଦିଅ ସତି, ରାତି ପାହିଲା’ - ଏ କଥା କିଏ କାହକୁ କହିଛନ୍ତି ?

(ଖ) ତମସା ନଦୀ କିପରି ଆୟୋଜନ କରି ସତୀ ସୀତାଙ୍କର ଆଗମନକୁ ଆପେକ୍ଷା କରିଥିଲେ?

(ଗ) କେଉଁ ଠାରେ ଆଲୋକଧାରା ଖେଳାଇବାକୁ କବି କହିଛନ୍ତି?

(ଘ) ତିମିରକାରା ଭାଙ୍ଗିଦେବା କଥା କବି କାହିଁକି କହିଛନ୍ତି?

(ଙ) କେଉଁ କର୍ମ ହେତୁ କବି ଏ ଦେଶକୁ ବୁଲିବାକୁ ଆସିଛନ୍ତି?

12. ଉତ୍ତର ପର୍ଯ୍ୟାୟରୁ ଠିକ ଉତ୍ତରଟି ବାଛିଲେଖ । **4x1=4**

(କ) ଉଷାଙ୍କ ନିର୍ଦ୍ଦେଶରେ କିଏ ସଂଗୀତ ଗାନ କରୁଥିବା କଥା କୁହାଯାଇଛି?

(i) ସମୀର (ii) ସୁରଭି

(iii) ଭ୍ରମର (iv) କୁମ୍ଭାଟୁଆ

(ଖ) କହାର ଶଙ୍ଖଧ୍ୱନିରେ ଦୁଃଖ ଜ୍ୱାଳା ପ୍ରଶମିତ ହେବ?

(i) ବନ୍ଧନହରା (ii) ତରୁଣକୁଳ

(iii) ମହାମାନବ (iv) ସର୍ବହରା

(ଗ) 'ଜାଗ ବନ୍ଧନହରା' କବିତାର କବି କିଏ?

(i) ସଚ୍ଚି ରାଉତରାୟ (ii) ବିଦ୍ୟୁତ୍‌ପ୍ରଭା ଦେବୀ

(iii) ଗଙ୍ଗାଧର ମେହେର (iv) ଅନନ୍ତ ପଟ୍ଟନାୟକ

(ଘ) ନଈ ସମୁଦ୍ରରେ କଣ ଭରି ରହିଛି?

(i) ହସକଥା (ii) ଗଛଲତା

(iii) ଜୀବଜନ୍ତୁ (iv) ଧନସଂପତ୍ତି

13. ସଂକ୍ଷେପରେ ଉତ୍ତର ଲେଖ । (ଗୋଟିକର) **5**

(କ) ଅଶୋକ କାହିଁକି ଯୁଦ୍ଧବିରତି ଘୋଷଣା କଲେ?

(ଖ) ବରଗଛକୁ ମହାନ୍ ସ୍ନେହମୟୀ ଜନନୀ ସହିତ ଗାଳ୍ପିକ କାହିଁକି ତୁଳନା କରିଛନ୍ତି?

(ଗ) ଧରମାର ଆତ୍ମବଳିଦାନ ସମଗ୍ର ଜାତିପାଇଁ ପ୍ରେରଣାର ଉତ୍ସ-ପଠିତ ଏକାଙ୍କିକା ଅବଲମ୍ବନରେ ଏହାର ସତ୍ୟତା ପ୍ରମାଣ କର ।